**ବିଭାଗୀୟ ପ୍ରସ୍ତୁତି ଓ ତତ୍ପରତା ଯୋଗୁଁ ପ୍ରଭାବିତ ଅଞ୍ଚଳରେ ପାନୀୟ ଜଳଯୋଗାଣ ବ୍ୟବସ୍ଥିତ ହୋଇଛି**

୧୯୯୯ ମହାବାତ୍ୟା ପରେ ଚଳିତ ବର୍ଷ 'ଫନୀ' ଥିଲା ଓଡ଼ିଶା ପାଇଁ ବଡ଼ ବିପର୍ଯ୍ୟୟ । ବିଜ୍ଞାନର ଉନ୍ନତି ଯୋଗୁଁ ଆମେ ବାତ୍ୟା ସମ୍ବନ୍ଧୀୟ ତଥ୍ୟ ଆଗୁଆ ଜାଣିପାରୁଛୁ । କିନ୍ତୁ ବାତ୍ୟା ପରବର୍ତ୍ତୀ ସମୟରେ ବିଧ୍ୱସ୍ତ ହୋଇଥିବା ବିଭିନ୍ନ ସୁବିଧାଜନକ ବ୍ୟବସ୍ଥାଗୁଡ଼ିକୁ ସ୍ୱାଭାବିକ କରିବା ଆମ ପାଇଁ ବିରାଟ ଆହ୍ୱାନ । 'ଫନୀ' ପରେ ଅପରିହାର୍ଯ୍ୟ ଆବଶ୍ୟକତା ଥିଲା ଜଳ । ବାତ୍ୟା ସମୟରେ ପବନ ବେଗ ଘଣ୍ଟା ପ୍ରତି ୫୫ କିମି ବେଗରୁ ଅଧିକ ହେଲେ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ସ୍ଥଗିତ ରଖାଯାଏ । ଫନୀ ବାତ୍ୟା ପୂର୍ବରୁ ବିଦ୍ୟୁତ ଯୋଗାଣ କାଟି ଦିଆଯାଇଥିବାବେଳେ ବାତ୍ୟାରେ ବିଦ୍ୟୁତ ଭିତ୍ତିଭୂମିର ପ୍ରଭୂତ କ୍ଷତି ହୋଇଥିଲା । ତେଣୁ ବାତ୍ୟା ପରବର୍ତ୍ତୀ ସମୟରେ ଜଳଯୋଗାଣ ପରି ଏକ ଜରୁରୀ ଆବଶ୍ୟକତା ପୂରଣ କରିବା ପାଇଁ ନଗର ଉନ୍ନୟନ ବିଭାଗ ସମସ୍ତ ପ୍ରସ୍ତୁତି ସହ ତତ୍ପର ହୋଇ ଉଠିଥିଲା ।

ବାତ୍ୟା ପରେ ପରେ ଜନସାଧାରଣଙ୍କ ପାଇଁ କିପରି ଜଳଯୋଗାଣ ସ୍ୱାଭାବିକ ହେବ, ସେ ଦିଗରେ ବିଭାଗ ସୁଚିନ୍ତିତ ଉଦ୍ୟମ କରିଥିଲା । ଗ୍ରାମୀଣ ଅଞ୍ଚଳରେ ଜଳ ପାଇଁ ଅନ୍ତତଃ କୂଅ, ନଳକୂପ, ପୋଖରୀ ବା କେନାଲ ପରି ଜଳଉତ୍ସ ଥିବାବେଳେ ଜନଗହଳିପୂର୍ଣ୍ଣ ପୌରାଞ୍ଚଳ ଓ ସହରାଞ୍ଚଳବାସୀଙ୍କ ପାଇଁ ପାଣିର ଚାହିଦା ପୂରଣ ନିମନ୍ତେ ସହରାଞ୍ଚଳ ଜଳଯୋଗାଣ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନେ ସବୁମତେ ଉଦ୍ୟମ ଜାରି ରଖିଥିଲେ । ଫନୀ ବାତ୍ୟା ପୂର୍ବରୁ ଓ ବାତ୍ୟା ଛାଡୁ ନଛାଡୁଣୁ ସହରାଞ୍ଚଳରେ ପାନୀୟ ଜଳଯୋଗାଣ ଦାୟିତ୍ୱରେ ଥିବା ଅଧିକାରୀ ଓ ଯନ୍ତ୍ରୀମାନେ ଯେପରି ନିଷ୍ଠା ଓ ତତ୍ପରତାର ସହ କାର୍ଯ୍ୟକରିଥିଲେ ଏବଂ ସୁବ୍ୟବସ୍ଥା ସହ ଲୋକଙ୍କୁ ପାନୀୟ ଜଳଯୋଗାଇ ଦେଇଥିଲେ, ତାହା ଅତ୍ୟନ୍ତ ବିସ୍ମୟଜନକ ଓ ପ୍ରଶଂସୀନୟ ଥିଲା ବୋଲି ଗୃହ ଓ ନଗର ଉନ୍ନୟନ ପ୍ରମୁଖ ଶାସନ ସଚିବ ଜି ମାଥିଭାଥନନ୍ ପ୍ରକାଶ କରିଥିଲେ ।

ବାତ୍ୟା ଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ରହିଥିବା ୪୨ଟି ପୌରାଞ୍ଚଳରେ ରାଜ୍ୟ ସରକାରଙ୍କ ଜନସ୍ୱାସ୍ଥ୍ୟ ବିଭାଗର ଇଂଜିନିୟରିଂ ବ୍ରାଞ୍ଚ ସଂପୂର୍ଣ୍ଣ ସଜାଗ ଥିଲେ । ଏଥି ପାଇଁ ୪୫ ଜଣ ବରିଷ୍ଠ ଯନ୍ତ୍ରୀଙ୍କ ସମେତ ୧୦୨ଟି ଡିଜିସେଟ୍, ୧୬୯ଟି ଟ୍ୟାଙ୍କର, ୧୩୫୬ଟି ପିଭିସି ଟ୍ୟାଙ୍କ ଆବଶ୍ୟକ ପଡୁଥିବା ସ୍ଥାନମାନଙ୍କରେ ପ୍ରସ୍ତୁତ ରଖାଯାଇଥିଲା । ଫଳରେ ବାତ୍ୟା ଛାଡ଼ିବାର ୭୨ ଘଣ୍ଟା ମଧ୍ୟରେ ପ୍ରଥମେ ୨୦ଟି ସହରାଞ୍ଚଳରେ ଜଳଯୋଗାଣ ସ୍ୱାଭାବିକ କରାଯାଇପାରିଥିଲା । ଜଳଯୋଗାଣ ପାଇଁ ନିରନ୍ତର ପମ୍ପ ଚଳାଇ ସହରାଞ୍ଚଳ ପାନୀୟ ଜଳଯୋଗାଣ ଦାୟିତ୍ୱରେ ଥିବା ଯନ୍ତ୍ରୀ ଓ କର୍ମଚାରୀମାନେ ସବୁ ଜଳ ଭଣ୍ଡାରଗୁଡ଼ିକୁ ପୂର୍ଣ୍ଣ କରି ରଖିଥିଲେ । ଫଳରେ ବାତ୍ୟା ପରବର୍ତ୍ତୀ ୨୪ ଘଣ୍ଟା ପାଇଁ ସହରାଞ୍ଚଳରେ ସମସ୍ତ ପରିବାର ଓ ଜଳଭଣ୍ଡାରଗୁଡ଼ିକ ନିମନ୍ତେ ଯଥେଷ୍ଟ ଜଳ ସଂରକ୍ଷିତ କରାଯାଇପାରିଥିଲା । ବାତ୍ୟା ସଂଗଠିତ ହେବାର କିଛି ଘଣ୍ଟା ପରେ ଠିକ୍ ସନ୍ଧ୍ୟାବେଳକୁ ବିଭିନ୍ନ ଜଳ ଉତ୍ସରୁ ଟ୍ୟାଙ୍କର ଓ ପିଭିସି ଟ୍ୟାଙ୍କ ଯୋଗେ ଜଳ ପରିବହନ କରାଯାଇ ଘରେ ଘରେ ପାନୀୟ ଜଳ ପହଞ୍ଚାଇ ଦିଆଯାଇଥିଲା । ପୂର୍ବରୁ ପ୍ରସ୍ତୁତ କରାଯାଇଥିବା ଡିଜିସେଟ୍‌ଗୁଡ଼ିକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯାଇ ପମ୍ପ ଚାଳନା ଅବ୍ୟାହତ ରଖାଯାଇଥିଲା ଏବଂ ଟ୍ୟାଙ୍କର ତଥା ପିଭିସି ଟ୍ୟାଙ୍କ ଯୋଗେ ଜଳଯୋଗାଣକୁ ସ୍ୱାଭାବିକ କରାଯାଇଥିଲା ।

ଭୁବନେଶ୍ୱର ସହରାଞ୍ଚଳରେ ସାଧାରଣ ଭାବରେ ଜଳଯୋଗାଣ ନିମନ୍ତେ ୬୦ ପ୍ରତିଶତ ଜଳ ମୁଣ୍ଡଳୀରୁ ଓ ୪୦ ପ୍ରତିଶତ ଜଳ ପଳାଶୁଣୀ ଓ ଭୁଆସୁଣୀରୁ ଅଣାଯାଇଥାଏ । ପଳାଶୁଣୀ ଓ ଭୁଆଶୁଣୀରୁ ଜଳଯୋଗାଣ ସମ୍ଭବ ହୋଇପାରିଥିଲା, କିନ୍ତୁ ମୁଣ୍ଡଳୀଠାରେ ସଂସ୍ଥାପିତ ୧୫ କେଭିର ଦୁଇଟି ଜେନ୍‌ସେଟ୍‌ରେ ବୈଷୟିକ ତ୍ରୁଟି ଦେଖା ଦେଇଥିଲା । ଫଳରେ ସେଠାରୁ ଜଳପରିବହନ ବାଧାପ୍ରାପ୍ତ ହୋଇଥିଲା । ଏହାକୁ ସୁଧାରିବା ପାଇଁ ଜରୁରୀ ବିକଳ୍ପ ବ୍ୟବସ୍ଥା କ୍ରମେ ଆବଶ୍ୟକୀୟ ଯନ୍ତ୍ରାଂଶ ତା'ପରଦିନ ଅଣାଯାଇଥିଲା ଓ କୋଲକାତାରୁ ବାୟୁସେନାର ହେଲିକପ୍ଟର ଯୋଗେ କୁଶଳୀ ବିଶେଷଜ୍ଞ ପହଞ୍ଚିଥିଲେ । ଯୁଦ୍ଧକାଳୀନ ଭିତ୍ତିରେ ପ୍ରଥମେ ଗୋଟିଏ ଜେନ୍‌ସେଟ୍‌ର ମରାମତି କାର୍ଯ୍ୟ ସଂପନ୍ନ ହୋଇଥିଲା ଓ ରାଜଧାନୀ ଭୁବନେଶ୍ୱର ସହରକୁ ଜଳଯୋଗାଣ ସ୍ୱାଭାବିକ ହୋଇପାରିଥିଲା । ମୁଣ୍ଡୁଳୀଠାରେ ଅନ୍ୟ ଏକ ଡିଜିସେଟ୍‌କୁ କାର୍ଯ୍ୟକ୍ଷମ କରିବା ପାଇଁ ଗୁଜୁରାଟରୁ କୋଲକାତା ଦେଇ ବିମାନ ପଥରେ ଯନ୍ତ୍ରାଂଶ ୫ ତାରିଖରେ ଭୁବନେଶ୍ୱରରେ ପହଞ୍ଚିଥିଲା । ସମାନ୍ତରାଳ ଭାବେ ମୁଣ୍ଡିଳୀ ଗ୍ରୀଡ୍‌କୁ ବିଦ୍ୟୁତ ସଂଯୋଗ ପୁନଃକ୍ଷମ କରିବା ପାଇଁ କାର୍ଯ୍ୟ ଜାରି ରହିଥିଲା । ୨୪ ଘଣ୍ଟିଆ ଅକ୍ଳାନ୍ତ ପରିଶ୍ରମ କରି ଯୁଦ୍ଧକାଳୀନ ଭିତ୍ତିରେ ମୁଣ୍ଡୁଳୀ ଗ୍ରୀଡ୍‌କୁ ଆସିଥିବା ୯ କିମି ଦୀର୍ଘ ଜଙ୍ଗଲ ରାସ୍ତା ମଧ୍ୟରେ ଉପୁଡ଼ି ପଡ଼ିଥିବା ସମସ୍ତ ଗଛଗୁଡ଼ିକୁ ୮ ତାରିଖ ସୁଦ୍ଧା ହଟାଗଲା ଏବଂ ୯ ତାରିଖରୁ ଭୁବନେଶ୍ୱର, ଜଟଣୀ ଓ ଖୋର୍ଦ୍ଧା ସହରାଞ୍ଚଳକୁ ପାନୀୟ ଜଳ ଯୋଗାଇ ଦିଆଗଲା ।

ବାତ୍ୟା ପ୍ରଭାବିତ ଲୋକମାନଙ୍କୁ ଜଳଯୋଗାଣ ଥିଲା ପ୍ରତିକୂଳ ପରିସ୍ଥିତିରେ ସାହସ, ପରିଶ୍ରମ, ନିଷ୍ଠା, ଦାୟିତ୍ୱବୋଧର ଯଥାର୍ଥ ଉଦାହରଣ । ବିଭାଗୀୟ ଅଧିକାରୀ, କର୍ମଚାରୀ, ନିୟୋଜିତ ଶ୍ରମିକ ଓ ସ୍ୱେଚ୍ଛାସେବୀମାନଙ୍କ ଅକ୍ଳାନ୍ତ ଉଦ୍ୟମ କ୍ରମେ ଆଜି ବାତ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଜଳଯୋଗାଣ ବ୍ୟବସ୍ଥାକୁ ସଂସ୍ଥାପିତ କରାଯାଇପାରିଛି ।